## ସଂକ୍ଷେପରେ

### ଆମ ପୋଲିସ ସମିତି ବୈଠକ

ଆସିକା,୨୨।୫ (ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଆମ ପୋଲିସ ସମିତିର ଏକ ବୈଠକ ମଙ୍ଗଳବାର ବୋରି ଗ୍ରାମସ୍ଥିତ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ନିକୁଞ୍ଜ ଖଣ୍ଡୁଆଳ ମୁଖ୍ୟବକ୍ତା ଏବଂ ପ୍ରମୋଦ କୁମାର ବେହେରା, ସତ୍ୟଜିତ ବେଣିଆ, ସୁବାସ ଚନ୍ଦ୍ର ବରାଡ, ସୁରେନ୍ଦ୍ର ଡାକୁଆ, ଭଗବାନ ବିଷୋୟୀ, ନିତ୍ୟାନନ୍ଦ ବିଷୋୟୀ, ଦିଲୀପ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜନସାଧାରଣ ପୋଲିସକୁ ମିତ୍ର ଭାବେ ବିବେଚନା କରିବାକୁ ନିବେଦନ କରାଯାଇଥିଲା । ଆପରାଧୀକ କାର୍ଯ୍ୟକଳାପ ସମ୍ପର୍କରେ ପୋଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଥିଲା । ଏଥିସହ ସମାଜରେ ବରିଷ୍ଠ ନାଗରିକଙ୍କ ସହାୟତା ନିମନ୍ତେ ଆଗଭର ହେବାକୁ ନିବେଦନ କରାଯାଇଥିଲା।

### ରନ୍ଧାମଦ ଜବତ, ୨ ଗିରଫ

ଆସିକା, ୨୨।୫(ଡି.ଏନ୍.ଏ.): ଆସିକା ଥାନା କାଳଷଣ୍ଡପୁର ଗ୍ରାମରେ ବୁଧବାର ସକାଳେ ପୋଲିସ ଚଢାଉ କରି ୨୫ ଲିଟର ରନ୍ଧା ମଦ ଜବତ କରିଛି । ଏହି ଘଟଣାରେ ଏ.ଶ୍ରୀହରି ଓ ବାବୁଲା ରେଡ୍ଡୀଙ୍କୁ ଗିରଫ କରାଯାଇଛି । ଏ ନେଇ ଥାନାରେ ନଂ.୧୬୨/୧୯ ଓ ୧୬୩/୧୯ରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

### ମହିଳାଙ୍କୁ ନିର୍ଯାତନା, ଶାଶୁଘର ଲୋକଙ୍କ ନାଁରେ ଏତଲା

ଆର.ଉଦୟଗିରି,୨୨।୫(ଡି.ଏନ.ଏ.)- ଆର.ଉଦୟଗିରି ଥାନା ସରଳାପଦର ଗ୍ରାମର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ବିବାହର ୧୩ ବର୍ଷ ପରେ ନିର୍ଯାତନାର ଶିକାର ହୋଇଥିବା ନାରାୟଣୀ ନାୟକଙ୍କ ଏତଲାକ୍ରମେ ନଂ.୫୫/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ନାରାୟଣୀ ତାଙ୍କରି ଗ୍ରାମର ଜଣଙ୍କୁ ପ୍ରେମ ବିବାହ କରିଥିଲେ। ଗ୍ରାମବାସୀଙ୍କ ନିଷ୍ପତ୍ତି ପ୍ରକାରେ ୨୦୦୭ ଅକ୍ଟୋବର ୩୧ରେ ବିବାହ ହୋଇଥିଲେ ମଧ ପରିବାର ଲୋକେ ଗ୍ରହଣ ନ କରିବାରୁ ଦମ୍ପତି ଗ୍ରାମରେ ଘର ଭଡ଼ା ନେଇ ରହୁଥିଲେ। ସେମାନଙ୍କର ୧୦ ବର୍ଷର ଝିଅ ଓ ୭ ବର୍ଷର ପୁଅ ଅଛନ୍ତି। ନାରାୟଣୀ ଓ ତାଙ୍କ ସ୍ୱାମୀ ଭୁବନେଶ୍ୱର ଯାଇ ରେଷ୍ଟୁରାଣ୍ଟରେ କାମ କରୁଥିଲେ । ୨ ମାସ ତଳେ ଶାଶୁଘର ପରିବାର ଲୋକେ ଭୁବନେଶ୍ୱର ଯାଇ ସ୍ୱାମୀଙ୍କୁ ଗ୍ରାମକୁ ଡାକିଥିଲେ। ସେମାନେ ନାରାୟଣୀଙ୍କ ବିରୋଧରେ କହିବାରୁ ସ୍ୱାମୀ ଆଉ ଭୁବନେଶ୍ୱର ଗଲେନି। ପରେ ନାରାୟଣୀ ସ୍ୱାମୀଙ୍କୁ ଡ଼ାକିବାକୁ ଗ୍ରାମକୁ ଆସିଥିବା ବେଳେ ସ୍ୱାମୀଙ୍କ ସମେତ ଶାଶୁ, ଦେଢ଼ଶୁର, ଦେଢ଼ଶାଶୁ ଏବଂ ପରିବାରର ଅନ୍ୟମାନେ ନିର୍ଯାତନା ଦେଇଥିଲେ । ଏହା ସହ୍ୟ କରି ନ ପାରି ନାରାୟଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସଆଇ ବିଶ୍ୱଜିତ ଜେନା ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି ।

### ମହିଳାଙ୍କ ଆତ୍ମହତ୍ୟା

ଭଞ୍ଜନଗର,୨୨।୫(ଡି.ଏନ.ଏ.)-ଭଞ୍ଜନଗର ଶ୍ରୀରାମ ମନ୍ଦିର ସାହିରେ ମଙ୍ଗଳବାର ରାତିରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି । ସେ ହେଲେ ମମତା ନାୟକ । ମୃତଦେହକୁ ଭଞ୍ଜନଗର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ପ୍ରକାଶ ଯେ ରିପିପିଲ୍ଲୀର ମମତା ୧୦ ବର୍ଷ ପୂର୍ବେ ମୁଜାଗଡ଼ର ଜଣଙ୍କୁ ବିବାହ କରିଥିଲେ। ୨ମାସ ପୂର୍ବେ ସେ ଗ୍ରାମର ଅନ୍ୟ ଜଣେ ଯୁବକଙ୍କ ସହିତ ଭଞ୍ଜନଗର ଆସି ଭଡ଼ା ଘର ନେଇ ରହୁଥିଲେ। ସମ୍ପୃକ୍ତ ଯୁବକ ଜଣଙ୍କ କୌଣସି କାମରେ ମଙ୍ଗଳବାର ଗ୍ରାମକୁ ଯାଇଥିଲେ। ବୁଧବାର ସକାଳେ ସେ ଆସି କବାଟ ବାଡ଼େଇବାରୁ ମମତା କବାଟ ଖୋଲି ନ ଥିଲେ। ସମ୍ପୃକ୍ତ ଯୁବକଙ୍କ ସୂଚନା ପ୍ରକାରେ ପୋଲିସ ପହଞ୍ଚି କବାଟ ଭାଙ୍ଗି ଦେଖିବାରୁ ମମତା ନିଜ ଶାଢ଼ିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା ।

### ମୁନିଗାଡ଼ି ହାଇସ୍କୁଲରେ ପ୍ରୀତିରାଣୀ ଟପ୍ପର

ଆସିକା,୨୨।୫ (ଡି.ଏନ୍.ଏ.) ଆସିକା ବ୍ଲକ ମୁନିଗାଡିସ୍ଥିତ ଉଷବେଶ୍ୱର ଉନ୍ନୀତ ନୋଡାଲ ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ଏସ. ପ୍ରୀତିରାଣୀ ଆଚାରୀ ମୋଟ ୫୪୩ ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଏହି ବିଦ୍ୟାଳୟର ସମୁଦାୟ ୬୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୧ଜଣ କୃତକାର୍ଯ୍ୟ ହୋଇଛନ୍ତି।

## ଭୋଟ ଗଣତି ଆଜି
# ଛତ୍ରପୁର, ଭଞ୍ଜନଗର, ବ୍ରହ୍ମପୁର କେନ୍ଦ୍ରରେ ସୁରକ୍ଷା କଡ଼ାକଡ଼ି

ଛତ୍ରପୁର,୨୨।୫(ଡି.ଏନ.ଏ.)

**ଜିଲାପାଳ କଲେ ଅନୁଧ୍ୟାନ**
- ଖବରଦାତାଙ୍କୁ ମୋବାଇଲ ଫୋନ ନେବାକୁ ଅନୁମତି
- ବିରୋଧ ପରେ ମିଡିଆ ସେଣ୍ଟର ପରିବର୍ତ୍ତନ

ଗଞ୍ଜାମ ଜିଲାର ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲ, ବ୍ରହ୍ମପୁରର ପଲିଟେକନିକ୍ ଓ ଆଇଟିଆଇ ଏବଂ ଭଞ୍ଜନଗରର କେଏସୟୁବି କଲେଜରେ ଗୁରୁବାର ଭୋଟ ଗଣତି କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି । ଭୋଟ ଗଣତିରେ ନିୟୋଜିତ କର୍ମଚାରୀ, ପ୍ରାର୍ଥୀ ଓ ସେମାନଙ୍କ ଏଜେଣ୍ଟଙ୍କୁ ଭୋଟ ଗଣତି କେନ୍ଦ୍ରକୁ ମୋବାଇଲ ଫୋନ ନେବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଅନ୍ୟପକ୍ଷରେ ଖବରଦାତାମାନେ ମୋବାଇଲ ଫୋନ ନେବା ଉପରେ ଲାଗିଥିବା କଟକଣା ପ୍ରଶାସନ ପକ୍ଷରୁ ଉଠାଇ ଦିଆଯାଇଛି । ଭୋଟ ଗଣତି କେନ୍ଦ୍ର ପରିସରରେ ଥିବା ମିଡିଆ ସେଲ୍‌କୁ ଖବରଦାତା ମୋବାଇଲ ଫୋନ ନେବାକୁ କେତେକ ସର୍ତ୍ତ ରଖି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅନୁମତି ଦେଇଛନ୍ତି। ଖବରଦାତାମାନଙ୍କ ପକ୍ଷରୁ ମୋବାଇଲ ଫୋନ୍ ମିଡିଆ ସେଣ୍ଟର ପର୍ଯ୍ୟନ୍ତ ନେବାକୁ ଅନୁମତି ଦେବାକୁ ମଙ୍ଗଳବାର ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା । ପୂର୍ବରୁ ପେନ୍ ନେବା ଉପରେ ବାରଣ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଖବରଦାତାମାନଙ୍କୁ ପେନ୍, ପେନସିଲ୍ ଓ କାଗଜ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏପରିକି ଛତ୍ରପୁର ଅନସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ଟେଣ୍ଟ ତଳେ ମିଡିଆ ସେଣ୍ଟର କରାଯାଇ ଥିଲା । ବୁଧବାର ଖବରଦାତାମାନଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ପରେ ଏକ କୋଠରୀରେ ମିଡିଆ ସେଲ୍ କରାଯାଇଛି । ଏ ନେଇ ଅପରାହ୍ନରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ବୁଧବାର ଛତ୍ରପୁର, ଭଞ୍ଜନଗର ଓ ବ୍ରହ୍ମପୁର ଯାଇ ଗଣତି ହେବାକୁ ଥିବା କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି। ଏପରିକି ଜିଲାକୁ ଆସିଥିବା ୧୨ ଜଣ ପର୍ଯ୍ୟବେକ୍ଷକ ମଧ ଉକ୍ତ କେନ୍ଦ୍ର ଗୁଡିକୁ ଯାଇ ଅନୁଧ୍ୟାନ କରିଛନ୍ତି। ଭୋଟ ଗଣତି ପରିପ୍ରେକ୍ଷୀରେ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ଶେଷ ସ୍ତରରେ କେନ୍ଦ୍ରୀୟ ଫୋର୍ସ ମୁତୟନ ରହିଛନ୍ତି। ଏମାନଙ୍କୁ ଓଡିଶା ପୋଲିସ ସହଯୋଗ କରୁଛି । ଭୋଟ ଗଣତି ପରିପ୍ରେକ୍ଷୀରେ ଛତ୍ରପୁର, ବ୍ରହ୍ମପୁର ଓ ଭଞ୍ଜନଗରରେ ଟ୍ରାଫିକ୍ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ବିଭିନ୍ନ ସ୍ଥାନରେ ନୋଜୋନ୍ ହୋଇଛି । ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ମଧ ହୋଇଛି। ଗଞ୍ଜାମ ଓ ବ୍ରହ୍ମପୁର ଏସପି ମଧ ଗଣତି କେନ୍ଦ୍ରକୁ ଯାଇ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଚଳିତ ଥର ଭିଭିପାଟ୍ ଯୋଗୁ ଗଣତିରେ ବିଳମ୍ବ ହେବାର ସମ୍ଭାବନା ରହିଛି । ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସରିବାର ଅନୁମାନ କରାଯାଉଛି । ତେଣୁ ଗଣତି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସେମାନଙ୍କ ଆବଶ୍ୟକୀୟ ଔଷଧ ନେଇ ଆସିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଗଣତି କେନ୍ଦ୍ରରେ ଏସି, ସିସି କ୍ୟାମେରା ଓ ଭିଡିଓ ରେକର୍ଡିଂ ବ୍ୟବସ୍ଥା ହୋଇଛି ।

## ଆତଙ୍କବାଦ ବିରୋଧ ଦିବସ

ଆସିକା,୨୨।୫ (ଡି.ଏନ୍.ଏ.)

ଆସିକା ଓ ଗାଙ୍ଗପୁର ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ପୃଥକ ଭାବେ ଆତଙ୍କବାଦ ବିରୋଧ ଦିବସ ପାଳନ କରାଯାଇଛି । ଏହି ଅବସରରେ ପୋଲିସ କର୍ମଚାରୀମାନେ ଆତଙ୍କବାଦକୁ ଦୃଢ ହସ୍ତରେ ଦମନ କରି ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ଶପଥ ପାଠ କରିଥିଲେ । ଆସିକା ଥାନାରେ ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ଶପଥପାଠ କରାଯାଇଥିବା ବେଳେ ଗାଙ୍ଗପୁର ଥାନା ପରିସରରେ ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଶପଥ ପାଠ କରିଥିଲେ ।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



Arshita Priyadarshini
(Payal)

ଆଜି ତୋର ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା କରୁଛୁ, ସେ ତୋତେ ସହାୟ ହୁଅନ୍ତୁ ଏବଂ ସଦାସର୍ବଦା ତୋ ସହ ଥାଆନ୍ତୁ ।

ଶୁଭେଚ୍ଛା ସହ

ବାବା, ମାମା, ଜେଜେ, ଜେଜେମା, ପିଇସୀ ମାମା, ପିଇସା, ପୂର୍ବି ଦିଦି, ଅଜା, ଆଇ, ମାମୁ, ମାଇଁ, ମାଉସୀ ଏବଂ ପରିବାର ବର୍ଗ

ଧ-୧୨୫୪୩

## ଆଜି ଖୋଲିବ ପ୍ରାର୍ଥୀଙ୍କ ଭାଗ୍ୟ
# ଭୋଟ ଗଣତି କେନ୍ଦ୍ର ବୁଲିଲେ ଜିଲାପାଳ

ଭଞ୍ଜନଗର,୨୨।୫(ଡି.ଏନ.ଏ.)



ଜିଲାପାଳ ଭୋଟ ଗଣତି କେନ୍ଦ୍ର ବୁଲି ଦେଖୁଛନ୍ତି ।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ହୋଇଥିବା କେନ୍ଦ୍ରରେ ଗୁରୁବାର ସକାଳ ୮ଟାରୁ ଭୋଟଗଣନା ଆରମ୍ଭ ହେବ। ଏଥିପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଆସିକା, ସୋରଡ଼ା ଓ ଭଞ୍ଜନଗର ନିର୍ବାଚନମଣ୍ଡଳୀର ଭୋଟ ଗଣତି କରାଯିବ। ବୁଧବାର ସକାଳେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭଞ୍ଜନଗର ଭୋଟ ଗଣତି କେନ୍ଦ୍ର ବୁଲି ଦେଖିଥିଲେ । ଏହି ସମୟରେ ସେ ପୋଲିସ ସୁରକ୍ଷା ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଡ଼ିଆ ସେଲ୍‌କୁ ରିପୋର୍ଟ ଯେଭଳି ଠିକ୍ ସମୟରେ ଆସିପାରିବ ତାହା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି, ଥାନା ଅଧକାରୀ ସୁଦୀପ ସାହୁ ଉପସ୍ଥିତ ଥିଲେ ।

## ଜାତୀୟ ଆଇନସେବା ପ୍ରାଧିକରଣ
# ପ୍ରତିନିଧି ଦଳର ଦିଗପହଣ୍ଡି ସବ୍‌ଜେଲ ପରିଦର୍ଶନ
### ଜେଲ ଅନ୍ତେବାସୀଙ୍କ ପାରିବାରିକ ସ୍ଥିତି ଅନୁଧ୍ୟାନ

ଦିଗପହଣ୍ଡି,୨୨।୫(ଡି.ଏନ.ଏ.)

ଜାତୀୟ ଆଇନସେବା ପ୍ରାଧିକରଣର ୮ ଜଣିଆ ପ୍ରତିନିଧି ଦଳ ବୁଧବାର ଦିଗପହଣ୍ଡି ସବଜେଲ ପରିଦର୍ଶନ କରି ଫେରିଛନ୍ତି। ଜେଲ ଅନ୍ତେବାସୀଙ୍କ ପାରିବାରିକ ସ୍ଥିତି ସମ୍ପର୍କରେ ପ୍ରତିନିଧି ଦଳ ସଦସ୍ୟବୃନ୍ଦ ଚିଙ୍କିନିଖି ରିପୋର୍ଟ ସଂଗ୍ରହ କରିଛନ୍ତି। ଅନ୍ତେବାସୀଙ୍କ ପାଇଁ ରହିଥିବା ବିଭିନ୍ନ ଆଇନଗତ ଅଧିକାର ସେବା ଓ ସୁବିଧା ସମ୍ପର୍କରେ ଉପସ୍ଥିତ ଜେଲ ଅନ୍ତେବାସୀଙ୍କୁ ସେମାନେ ପଚାରି ବୁଝିଥିଲେ। ବିଭିନ୍ନ ମାମଲାରେ ବିଚାରାଧୀନ ବନ୍ଦୀ ଭାବେ ସବଜେଲରେ ଥିବା ଅନ୍ତେବାସୀଙ୍କ ଆର୍ଥିକ ସ୍ଥିତି ସେମାନଙ୍କ ପାରିବାରିକ ଚଳଣି ଓ ଅଭାବ ଅସୁବିଧା ସମ୍ପର୍କରେ ପ୍ରତିନିଧି ଦଳ ସଦସ୍ୟବୃନ୍ଦ ପୁଙ୍ଖାନୁପୁଙ୍ଖ ବୁଝିଥିଲେ। ପ୍ରତିନିଧି ଦଳରେ ଆଇନଜୀବୀ ସତୀଶ ପାଣିଗ୍ରାହୀ, ଶୈଳେନ୍ଦ୍ର କୁମାର ମିଶ୍ର, ସରିତା ପଟ୍ଟନାୟକ, ଡ଼ା. ମୀନାକ୍ଷୀ ଦେବୀ, ଅଳକା ସାହୁ, ପୁଷ୍ପାଞ୍ଜଳି ଉଦ୍‌ଗାତା, ସଂଗ୍ରାମ କୁମାର ପ୍ରଧାନ ଓ ଜ୍ୟୋତ୍ସ୍ନା କୁମାରୀ ସାହୁ ପ୍ରମୁଖ ସାମିଲ ଥିଲେ। ସବ୍‌ଜେଲର କେଦାର ନାଥ ବେହେରାଙ୍କୁ ପ୍ରତିନିଧି ଦଳର ସଦସ୍ୟବୃନ୍ଦ ସାକ୍ଷାତ କରି ଜେଲ ଅନ୍ତେବାସୀଙ୍କ ଖାଦ୍ୟପେୟ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଖେମୁଣ୍ଡି ଓକିଲ ସଂଘ ସଭାପତି ରସାନନ୍ଦ ରାଉତ, ସମ୍ପାଦକ ହର ପ୍ରସାଦ ରଥ, ଉପସଭାପତି ବିଜୟ କୁମାର ପ୍ରଧାନ, କାର୍ଯ୍ୟକର୍ତ୍ତା ଚନ୍ଦ୍ରଧ୍ୱଜ ସିଂହ, ସନ୍ତୋଷ କୁମାର ସାହୁ, ଗିରିଜା ନନ୍ଦନ ମେକାପ, ପାରା ଲିଗାଲ ଭଲ୍ୟୁଣ୍ଟର ଗାୟତ୍ରୀ ପାତ୍ର ଉପସ୍ଥିତ ଥିଲେ ।

**ପ୍ରଥମ ବର୍ଷର ଜନ୍ମଦିନର ଅଭିନନ୍ଦନ**



(ବାପୁନ୍)

**ଅଂଶୁମାନ କୁମାର**

ସତ୍ୟନଗର, ଭୁବନେଶ୍ୱର

ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ତାର ଚଲାପଥରେ ପୁଷ୍ପବୃଷ୍ଟି ହେବା ସଙ୍ଗେ ସଙ୍ଗେ ତାକୁ ଦୀର୍ଘାୟୁ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ପାଇଁ ପ୍ରାର୍ଥନା ।

ଶୁଭେଚ୍ଛା ସହ:

ଠାକୁର ଆଇ, ଆଇ, ଅଜା, ବଡ଼ମାମୁ, ସାନମାମୁ

ଧ-୧୨୬୦୫

# ଦୁର୍ଘଟଣାରେ ଜଣେ ମୃତ



ଦୁର୍ଘଟଣାଗ୍ରସ୍ତ ଟାଟା ଇଣ୍ଡିଗୋ।

ଆର.ଉଦୟଗିରି,୨୨।୫(ଡି.ଏନ.ଏ.)

ଅଡ଼ବା ଥାନା ଅନ୍ତର୍ଗତ ଅଡ଼ବାରୁ ପାଣିଗଣ୍ଡା ରାସ୍ତାରେ ଯାଉଥିବା ଏକ ଟାଟା ଇଣ୍ଡିଗୋ ମଙ୍ଗଳବାର ରାତି ୧୧ଟାରେ ସନ୍ଧିନାଳଠାରେ ଶଙ୍ଖତଳକୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଚାଳକ ରବୀନ୍ଦ୍ର ପାତ୍ରଙ୍କ ମୃତ୍ୟୁ ଘଟିଛି।

ବୁଧବାର ସକାଳ ୮ଟାରେ ଏହି ରାସ୍ତା ଦେଇ ଯାଉଥିବା ଏକ ଘରୋଇ ବସ୍‌ର ଯାତ୍ରୀମାନେ ଦୁର୍ଘଟଣା ଦେଖି ଅଡ଼ବା ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଏ ନେଇ ନଂ ୩୦/୨୦୧୯ରେ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ଅଡ଼ବା ଥାନାଧିକାରୀ କହିଛନ୍ତି ।

# ସକଳେଶ୍ୱରଙ୍କ ପୀଠରେ ଚନ୍ଦନଯାତ୍ରା

ଖଲ୍ଲିକୋଟ,୨୨।୫(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ଶାସନ ନିକଟରେ ଥିବା ସକଳେଶ୍ୱର ମହାଦେବଙ୍କ ପୀଠରେ ଚଳିତ ବର୍ଷ ଚନ୍ଦନ ଯାତ୍ରା ପାଳନ ହେଉଛି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ୨୧ ଦିନ ଯାଏ ପାଳନ ହେବ। ପ୍ରତିଦିନ ସକାଳେ ନୀତି ଭୋଗ ପରେ ସକଳେଶ୍ୱରଙ୍କ ଚଳନ୍ତି ପ୍ରତିମା ଏବଂ ଦୁର୍ଗାଦେବୀ ମନ୍ଦିର ପରିସରରେ ଥିବା ପୁଷ୍କରିଣୀରେ ନୌକା ବିହାର କରନ୍ତି। ପରେ ପୂଜାର୍ଚ୍ଚନା ହୋଇ ଠାକୁରଙ୍କୁ ଚନ୍ଦନ କୁଣ୍ଡରେ ବୁଡ଼ାଇ ରଖାଯାଏ। ଅପରାହ୍ନରେ ବାହାର କରାଯାଇ ସାଜସଜ୍ଜା କରି ନୌକା ବିହାର କରାଯାଏ। ଏହାକୁ ଚାପଖେଳ କୁହାଯାଏ। ଦୈନିକ ଚନ୍ଦନ ପଣା ପୂଜା ହୁଏ । ପୂଜକ ସଦାନନ୍ଦ ପଣ୍ଡା ଓ ମାଳୀ ସେବକମାନେ ଏଥିରେ ସହଯୋଗ କରନ୍ତି। ପ୍ରତ୍ୟହ ଏଠାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।



ପୁଷ୍କରିଣୀରେ ଚଳନ୍ତି ଠାକୁରଙ୍କ ଚାପଖେଳ।

**ପୂର୍ବ ତଟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-RT-130ER, ତା: 15.05.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ କୋରପୁଟ-ସିଙ୍ଗାପୁର ରୋଡ଼ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଡୁମରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (ନୂଆ = 02 ଗୋଟି, ବୃଦ୍ଧିକରଣ=01 ଗୋଟି), ସେକ୍ସନିଙ୍ଗ୍ ପୋଷ୍ଟ (ବୃଦ୍ଧିକରଣ=01 ଗୋଟି) ର ଡିଜାଇନ୍ (Design), ଯୋଗାଣ, ଉତ୍ଥାନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ସମ୍ପର୍କିତ PSI କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 313.21 ଲକ୍ଷ, EMD (ଟଙ୍କାରେ) :₹ 3,06,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.27.06.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ବିଶାଖାପାଟଣା

PR-22/CC/19-20

# ମାଟ୍ରିକ ଫଳ: ସରସ୍ୱତୀ ଶିଶୁ ମନ୍ଦିରର ସଫଳତା

ଛତ୍ରପୁର,୨୨।୫(ଡି.ଏନ.ଏ.)

ଛତ୍ରପୁର ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମାଟ୍ରିକ ପରୀକ୍ଷା ଫଳ ଶତପ୍ରତିଶତ ସଫଳ ହୋଇଛି। ଛତ୍ରପୁର ବ୍ଲକରେ ଏ-୧ ଗ୍ରେଡ଼ ପାଇଥିବା ମୋଟ ୭ ଛାତ୍ରୀଛାତ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବୋଲି ପ୍ରଧାନାଚାର୍ଯ୍ୟ ମହେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି। ଛାତ୍ର ଦୁର୍ଗା ପ୍ରସାଦ ଦାଶ ୫୬୮ ନମ୍ବର ରଖିଥିବା ବେଳେ ଛାତ୍ରୀ ଅପର୍ଣ୍ଣା ପାଣିଗ୍ରାହୀ ୫୫୧ ନମ୍ବର, ଡି. ଦିବ୍ୟାନୀ ରେଡ୍ଡୀ ୫୪୬ ନମ୍ବର, ରୁଦ୍ରାନ୍ତିକା ପଣ୍ଡା ୫୪୪ , ଅଙ୍କିତା ନାୟକ, ସାନ୍ତନୁ କୁମାର ବେହେରା ଓ ଏ. ସୁଶାନ୍ତ ୫୪୦ ନମ୍ବର ରଖି ଏହି ସଫଳତା ପାଇଛନ୍ତି। ଏଥିସହ ବିଦ୍ୟାଳୟର ୩୪ ଛାତ୍ରୀଛାତ୍ର ଏ-୨, ୪୯ ଜଣ ବି-୧, ୨୮ ଛାତ୍ରୀଛାତ୍ର ବି-୨, ୨୪ ଜଣ ସି, ୫ ଜଣ ଡି, ଏବଂ ଜଣେ ଲେଖାଏ ଇ ଓ ଏଫ୍ ଗ୍ରେଡ୍ ପାଇଛନ୍ତି। ଛତ୍ରପୁର ବ୍ଲକରେ ୨୫ଟି ସ୍କୁଲର ୧୯୬୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୪୩୦ ଜଣ ପାସ କରିଥିବା ବେଳେ ୫୩୭ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଛତ୍ରପୁର ବ୍ଲକରେ ପାସ୍ ହାର ୭୨.୭ ପ୍ରତିଶତ ରହିଛି ।

# ହିଞ୍ଜିଳିକାଟୁ କଲେଜରେ ୨ ସ୍ମାର୍ଟ କ୍ଲାସ୍ ରୁମ୍

ହିଞ୍ଜିଳିକାଟୁ ୨୨।୫(ଡି.ଏନ୍.ଏ)

ଶିକ୍ଷାବର୍ଷ ୨୦୧୯-୨୦ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ହିଞ୍ଜିଳିକାଟୁର ୨ଟି ଶ୍ରେଣୀକୁ ସ୍ମାର୍ଟ କ୍ଲାସ୍‌ରୁମ ଭାବେ ପ୍ରସ୍ତୁତ କରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯିବ। ଏଥିପାଇଁ ୨ଟି ଶ୍ରେଣୀରେ ଆବଶ୍ୟକ ସରଞ୍ଜାମ ସ୍ଥାପନ କରାଯାଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଓ ନୂଆଁଦିଲ୍ଲୀର ଟିସିଆଇଏଲ୍ (ଟେଲି କମ୍ୟୁନିକେଶନ କନସଲଟାଣ୍ଟ ଇଣ୍ଡିଆ ଲି.) ସହ ଏମ୍ଓୟୁ ଏଥିପାଇଁ ହୋଇଛି। ସ୍ମାର୍ଟ କ୍ଲାସ ରୁମ୍‌ରେ କଳାପଟା ବଦଳରେ ସ୍ୱତନ୍ତ୍ର ସ୍କ୍ରିନ ବ୍ୟବହାର କରାଯିବ। ଦେଶର ଅଭିଜ୍ଞ ଶିକ୍ଷାବିତ୍‌ମାନଙ୍କୁ ନେଇ ଅନ ଲାଇନ୍‌ରେ କଲେଜ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ସୁଯୋଗ ମିଳିବ। ଏଥିସହ ଏହି କ୍ଲାସ ପାଇଁ କଲେଜ ଅଧାପିକା ଓ ଅଧାପକମାନେ ଆଧୁନିକ କୌଶଳରେ ଛାତ୍ରୀଛାତ୍ରଙ୍କୁ ପଢ଼ାଇବାର ସୁଯୋଗ ପାଇବେ। ସାଧାରଣ କଳାପଟା କ୍ଲାସ ଅପେକ୍ଷା ଆଧୁନିକ ଟେକ୍ନୋଲଜିରେ ପାଠପଢ଼ା ଛାତ୍ରୀଛାତ୍ରଙ୍କୁ ନୂଆଁ ଅନୁଭୂତି ଦେବା ସହ ଅଧିକ ଆକୃଷ୍ଟ କରିବ ବୋଲି ଅଧକ୍ଷ ପ୍ରଫେସର ଚନ୍ଦ୍ର ଶେଖର ପୃଷ୍ଟି କହିଛନ୍ତି। ଖଲ୍ଲିକୋଟ କଲେଜ ବ୍ରହ୍ମପୁର ଓ ହିଞ୍ଜିଳିକାଟୁ କଲେଜରେ ୨ଟି ଲେଖାଏ ସ୍ମାର୍ଟ କ୍ଲାସ ରୁମ୍ କରାଯାଉଥିବା ବେଳେ ଜିଲାର ଅନ୍ୟ ୪ଟି ସରକାରୀ ଓ ଗୋଟିଏ ବେସରକାରୀ କଲେଜରେ ଗୋଟିଏ ଲେଖାଏ ସ୍ମାର୍ଟ କ୍ଲାସ ରୁମ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆ ଯାଇଥିବା ଜଣାପଡ଼ିଛି।

## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା କଳ୍ପନା କୁମାରୀ ଦାଶ**

Dash Glass Company MKD Associates, Police line, VIP Road

ଆବିର୍ଭାବ: ୨୮।୦୭।୧୯୫୦
ତିରୋଧାନ: ୧୫।୦୫।୨୦୧୭

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପରିବାରବର୍ଗ

Contact: 9438180180, 9861080180

ଧ-୬୩୭୭୦

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ**

ଦିଘି, ତାଳଚେର

ପୂର୍ବତନ ଶିକ୍ଷାବିତ୍ ତଥା ସରକାରୀ ଅଧିକାରୀ

ଆବିର୍ଭାବ: ୧୦।୧୧।୧୯୩୭
ତିରୋଧାନ: ୦୪।୦୫।୨୦୧୮

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ତଥା କର୍ତ୍ତବ୍ୟ ପରାୟଣତା ଏବଂ ସର୍ବୋପରି ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ପାଥେୟକରି ଆମ୍ଭେମାନେ ଜୀବନରେ ଆଗେଇଚାଲୁ ଏତିକି ଆଶୀର୍ବାଦ କରୁଥାଅ। ତୁମର ଅମର ଆତ୍ମା ଚିର ଶାନ୍ତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ପୁତ୍ର-ଜ୍ଞାନ, ଭୂପେନ, ପୃଥ୍ୱୀରାଜ, ପୁତ୍ରବଧୂ- ସୁମିତ୍ରା, ସୁନିତା, କନ୍ୟା- ସନ୍ଧ୍ୟା, ଶୋଭା, ଜ୍ୱାଇଁ- ସୁରେନ୍ଦ୍ର, ମନୋଜ ଓ ନାତି, ନାତୁଣୀ- ମଣ୍ଟୁ, ସୋମ, ମୁମୁ ସାନ, ସିଦ୍ଧି, ସୃଷ୍ଟି ଓ ପରିବାରବର୍ଗ।

ଧ-୧୨୬୧୦

**୩୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭାସ୍କର ହରିଚନ୍ଦନ**

ନୟାପଲ୍ଲୀ, ଗଡ଼ସାହି

ତିରୋଧାନ: ଜ୍ୟେଷ୍ଠ କୃଷ୍ଣପକ୍ଷ ପଞ୍ଚମୀ ତିଥି

ତୁମର ସ୍ୱଚ୍ଛ ଆନ୍ତରିକତା ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା ଆମକୁ ଅନୁପ୍ରାଣିତ କରୁଥାଉ। ଆମେ ପରମବ୍ରହ୍ମଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ- ରଘୁନାଥ, ଆରତୀ, ନାତୁଣୀ-ଲକି, ଲିକି ଓ ପରିବାରବର୍ଗ

ଧ-୧୨୫୮୩

## ସଂକ୍ଷେପରେ

### ପୋଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ

**ବ୍ରହ୍ମପୁର ଅଫିସ,୨୨।୫:** ଟାଉନ ଥାନାରୁ ବୁଧବାର ମଧ୍ୟାହ୍ନରେ ପୋଲିସକୁ ଚକ୍ମା ଦେଇ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି । ସେ ହେଲେ ମହମ୍ମଦ ଇମରାନ। ଏକ ହତ୍ୟା ଉଦ୍ୟମ ମାମଲାରେ ସେ ସମ୍ପୃକ୍ତ ଥିବା ବେଳେ ତାଙ୍କୁ ସଦର ଥାନାରେ ଅଟକ ରଖାଯାଇଥିଲା। ଥାନାରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ସେ କିପରି ଖସି ପଳାଇଲେ ତାହା ଏବେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଘଟଣା ଜଣାପଡ଼ିବା ପରେ ମହମ୍ମଦଙ୍କ ନାଁରେ ଥାନାରୁ ଚମ୍ପଟ ମାରିବା ଅଭିଯୋଗରେ ବୁଧବାର ଆଉଏକ ମାମଲା ରୁଜୁ କରିଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୭ ତାରିଖ ରାତିରେ ସଦର ଥାନା ବ୍ୟାଙ୍କ କଲୋନୀରେ ଜଣେ ଅଟୋ ଡ୍ରାଇଭର କେଦାର ଗନ୍ତାୟତଙ୍କୁ ମହମ୍ମଦ ଇମରାନ ଓ ତାଙ୍କର ଜଣେ ସହଯୋଗୀ ଟୁଟୁ ନାୟକ ଲୁହାରଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଲିସ ନଂ. ୧୨୧/୧୯ରେ ମାମଲା ରୁଜୁ କରି ଗତ ୧୮ରେ ଟୁଟୁଙ୍କୁ କୋର୍ଟଚାଲାଣ କରିଥିଲା। ଇମରାନ ଫେରାର ଥିବା ବେଳେ ଟାଉନ ଥାନା ପୋଲିସ ତାଙ୍କୁ ମଙ୍ଗଳବାର ରାତିରେ ଧରିଆଣି ଥାନାରେ ଅଟକ ରଖିଥିଲା। ଇମରାନଙ୍କୁ ବୁଧବାର ସଦର ଥାନାକୁ ହସ୍ତାନ୍ତର କରିବା ପୂର୍ବରୁ ସେ ଚମ୍ପଟ ମାରିଛନ୍ତି । ଅନ୍ୟପଟେ ଘଟଣା ବେଳେ ଥାନାରେ ଦାୟିତ୍ୱରେ ଥିବା ସେଣ୍ଟ୍ରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ନାହିଁ ସେନେଇ ପୋଲିସ ସୂଚନା ଦେଇନାହିଁ ।

### ଛାତରୁ ପଡ଼ି ଶ୍ରମିକ ମୃତ

**ବ୍ରହ୍ମପୁର ଅଫିସ,୨୨।୫:** ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ବଦ୍ରିରାଜନଗରର ଗଣେଶ ପ୍ରଧାନଙ୍କ ଘର ଛାତ କାମରେ ନିୟୋଜିତ ଥିବା ଜଣେ ଶ୍ରମିକ ଛାତରୁ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ନାମ ଗୋପୀନାଥ ଚୌଧୁରୀ (୪୨) । ଘର ଲାଞ୍ଜିପଲ୍ଲୀ ଚାଞ୍ଚଡାପଡ଼ିଆ ବୋଲି ଜଣାପଡିଛି । ପୋଲିସ ଗୋପୀନାଥଙ୍କ ମୃତଦେହ ଜବତ କରି ନଂ. ୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ, ଗଣେଶଙ୍କ ଘର ନିର୍ମାଣ କାମରେ ଗୋପୀନାଥ ଶ୍ରମିକ ଭାବେ କାମ କରୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ସେ ଛାତ ଉପରେ କାମ କରୁଥିବା ବେଳେ ଗୋଡ ଖସିଯିବାରୁ ତଳେ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ପୁରୁଣା ବ୍ରହ୍ମପୁରରେ ମାତିଛି ପାଗଳ ମାଙ୍କଡ଼

# ୩୦ରୁ ଅଧିକ ଲୋକଙ୍କୁ କାମୁଡ଼ିଲାଣି

**ବ୍ରହ୍ମପୁର ଅଫିସ୍,୨୨।୫**

- ଧରିବାରେ ବିଫଳ ବନ ବିଭାଗ
- ମାରିଦେବାକୁ ଅଞ୍ଚଳବାସୀଙ୍କ ଦାବି

ପୁରୁଣା ବ୍ରହ୍ମପୁର ଅଞ୍ଚଳରେ ଗତ ୧ ମାସ ହେଲା ଏକ ପାଗଳ ମାଙ୍କଡ଼ର ଆତଙ୍କ ଦେଖିବାକୁ ମିଳିଛି। ମାଙ୍କଡ଼ ସ୍ଥାନୀୟ ଅଞ୍ଚଳର ୩୦ରୁ ଅଧିକ ଲୋକଙ୍କୁ କାମୁଡ଼ି ସାରିଲାଣି । ଭୟରେ ଲୋକମାନେ ଘରୁ ପଦାକୁ ବାହାରୁ ନାହାନ୍ତି । ଅନ୍ୟପଟେ ଅଞ୍ଚଳର କେତେକ ଯୁବକ ଠେଙ୍ଗା ବାଡ଼ି ଧରି ପହରା ଦେଉଛନ୍ତି। ବନ ବିଭାଗ ମାଙ୍କଡ଼କୁ ଧରିବା ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଛି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପାଗଳ ମାଙ୍କଡ଼କୁ ଗୁଳିକରି ମାରିଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

ପ୍ରାୟ ୧ ମାସ ପୂର୍ବେ ଏହି ମାଙ୍କଡ଼ ଅଞ୍ଚଳରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମେ କେହି ଏହାକୁ ଗୁରୁତର ସହ ନେଇ ନ ଥିଲେ । ହେଲେ କାଳକ୍ରମେ ମାଙ୍କଡ଼ ଉତ୍ପାତ ଦେଖିବାକୁ ମିଳିଥିଲା । ରାସ୍ତା ଘାଟ ଯେଉଁଠି ଲୋକଙ୍କୁ ଦେଖିଲା କାମୁଡ଼ିଲା। କାହା ଘର ଭିତରେ ପଶି ତ ପୁଣି ଆଉ କାହାର ଛାତ ଉପରକୁ ଯାଇ, ଲୋକମାନଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିଲା । ପୁରୁଣା ବ୍ରହ୍ମପୁର ଅଞ୍ଚଳର ପାଣ୍ଡବ ନଗର, ମାର୍ଥାପେଟା ସାହି, ରାଧାକୃଷ୍ଣ ସାହି, ମେଷ୍ଟ୍ରୁ ଛକ, ତୋଟା ସାହି, ଗଣେଶ ନଗର, ଲକ୍ଷ୍ମୀନୃସିଂହ ସାହି ଏବଂ ପ୍ରହ୍ଲାଦ ନଗରରେ ମାଙ୍କଡ଼କୁ ଦେଖିବାକୁ ମିଳୁଛି। କେବେ ସକାଳେ ତ ପୁଣି କେବେ ରାତିରେ ଲୋକମାନଙ୍କୁ କାମୁଡ଼ିଛି। ବର୍ତ୍ତମାନ ସୁଦ୍ଧା ୩୦ରୁ ଅଧିକ ଲୋକ ମାଙ୍କଡ଼ କାମୁଡ଼ାରେ ଆହତ ହେଲେଣି । ସେମାନଙ୍କ ମଧ୍ୟରୁ ୧୦ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ଗତ ରବିବାର, ମାଙ୍କଡ଼ ଆତଙ୍କ ଦେଖିବାକୁ ମିଳିଥିଲା। ଗୋଟିଏ ଦିନରେ ପ୍ରାୟ ୬ଜଣଙ୍କୁ ଆକ୍ରମଣ କରିଥିଲା। ପ୍ରହ୍ଲାଦ ନଗରର ଯଜ୍ଞ ସେଠୀ(୧୪) ରବିବାର ରାତିରେ ଘର ସମ୍ମୁଖ ନୂଳକୂଅରୁ ପାଣି ନେଉଥିବା ବେଳେ ମାଙ୍କଡ଼ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ସେ ଲହୁଲୁହାଣ ହୋଇ ପଡ଼ିଥିଲେ। ସେହିଭଳି



ପାଗଳ ମାଙ୍କଡ଼ ।


ମାଙ୍କଡ଼ କାମୁଡ଼ାରେ ଆହତ ଜଣେ ବାଳକ ।

ପାଣ୍ଡବ ନଗରର ରାଜ ଶେଖର ବେହେରା(୨୮), ରତିକାନ୍ତ ମୁଖି(୨୮), ଜ୍ୟୋତିର୍ମୟୀ ହାତୀ(୨୪) ଏବଂ ପବନା ନାୟକ(୩୦)ଙ୍କୁ ରବିବାର ମାଙ୍କଡ଼ କାମୁଡ଼ି ଦେବା ଯୋଗୁ ସେମାନେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଜଣାପଡିଛି ।

ପାଗଳ ମାଙ୍କଡ଼ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବହୁଥର ବନ ବିଭାଗକୁ ଖବର ଦେଇଛନ୍ତି। ବନ ବିଭାଗ କର୍ମଚାରୀମାନେ ଅଞ୍ଚଳ ସାରା ବୁଲିଥିଲେ ମଧ୍ୟ ମାଙ୍କଡ଼କୁ କାବୁ କରିପାରି ନାହାନ୍ତି । ବୁଧବାର ସକାଳେ ବ୍ରହ୍ମପୁର ରେଞ୍ଜ ରାଜା ରାଓ ସୁବୁଦ୍ଧିଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ବାଟୁଳି, ଜାଲ ସହ ଅନ୍ୟାନ୍ୟ ସରଞ୍ଜାମ ଧରି ଅଞ୍ଚଳରେ ପଇଁତରା ମାରିଥିଲେ । କିନ୍ତୁ ମାଙ୍କଡ଼କୁ କାବୁ କରିପାରି ନାହାନ୍ତି। ଗୋଟିଏ ପଟେ ବନ ବିଭାଗ ମାଙ୍କଡ଼କୁ ଧରିପାରୁ ନ ଥିବା ବେଳେ ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ହାତରେ ଠେଙ୍ଗା, ବାଡ଼ି ଧରି ସାହି ସାହି ବୁଲୁଛନ୍ତି । ଘର ଆଗରେ ଠେଙ୍ଗା ଧରି ଜଗିଛନ୍ତି । ସେହିପରି ଅପରାହ୍ନରେ ମାଙ୍କଡ଼କୁ ଟ୍ରାଙ୍କୁଲାଇଜ୍ କରିବାକୁ ଉଦ୍ୟମ କରାଯାଇଥିଲା। ରେଞ୍ଜର୍ ରାଜା ରାଓ ସୁବୁଦ୍ଧିଙ୍କ କହିବାନୁଯାୟୀ, ମାଙ୍କଡ ଉପରକୁ ଦୁଇଟି ସୁଟ୍ କରାଯାଇଥିଲା। ଗୋଟିଏ ସାମାନ୍ୟ ବାଜିଛି । କିନ୍ତୁ ତାହାର ପ୍ରଭାବ ପଡ଼ି ନ ଥିବା ଅନୁମାନ କରାଯାଉଛି । ତଥାପି ମାଙ୍କଡ଼କୁ ଧରିବାକୁ ଚେଷ୍ଟା ଚାଲିଛି । ଖୁବ୍ ଶୀଘ୍ର ଧରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ଏଟିଏମ୍ କାଉଣ୍ଟରରୁ ବ୍ୟବସାୟୀଙ୍କ ଟଙ୍କା ଲୁଟ୍

**ବ୍ରହ୍ମପୁର ଅଫିସ,୨୨।୫**

ଏଟିଏମରେ ଟଙ୍କା ଜମା କରିବାକୁ ଯାଇଥିବା ଜଣେ ଛେଳି ବ୍ୟବସାୟୀ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଲୁଟ୍‌ର ଶିକାର ହୋଇଛନ୍ତି। ଦୁଇଜଣ ଦୁର୍ବୃତ୍ତ ବ୍ୟବସାୟୀଙ୍କୁ ମାଡ଼ ମାରି ତାଙ୍କଠାରୁ ୪୧ ହଜାର ୫୦୦ ଟଙ୍କା ଲୁଟି ନେଇଛନ୍ତି। ବୈଦ୍ୟନାଥପୁର ଥାନାରେ ନଂ.୯୯/୧୯ ରେ ମାମଲା ରୁଜୁ ହୋଇଛି । ପ୍ରକାଶ ଯେ, ପଶ୍ଚିମବଙ୍ଗ ହାୱଡ଼ାର ମହମ୍ମଦ ଆଜାର ବ୍ରହ୍ମପୁର ଖାଜା ସାହିରେ ରହି ଛେଳି କିଣାବିକା ବ୍ୟବସାୟ କରୁଥିଲେ । ମଙ୍ଗଳବାର ରାତିରେ ଟାଟା ବେଞ୍ଜ ଛକରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ହାଇଟେକ୍ ଏଟିଏମ୍ କାଉଣ୍ଟରକୁ ଟଙ୍କା ଜମା କରିବା ପାଇଁ ସେ ଯାଇଥିଲେ। ମହମ୍ମଦ ଏଟିଏମ ମେଶିନରେ ଟଙ୍କା ଜମା ପାଇଁ ଯାଉଥିବା ବେଳେ ଦୁଇଜଣ ଯୁବକ ସେଠାରେ ପହଞ୍ଚି ତାଙ୍କ ସହ ପ୍ରଥମେ ଝଗଡ଼ା କରିଥିଲେ। ଏପରିକି ତାଙ୍କୁ ମାଡ଼ ମାରି କାବୁ କରିବା ସହ ପକେଟରେ ଥିବା ଟଙ୍କା ଝାମ୍ପି ନେଇ ଯାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏଟିଏମ କାଉଣ୍ଟରରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ । ହେଲେ ଘଟଣା ଘଟିବା ବେଳେ ସେ ବାହାରକୁ ଶୌଚାଳୟ ଯାଇଥିଲେ ବୋଲି ପୋଲିସକୁ କହିଥିବା ଜଣାପଡ଼ିଛି । ଏଟିଏମ କାଉଣ୍ଟରରେ ଖଞ୍ଜା ଯାଇଥିବା ସିସି ଟିଭି ଫୁଟେଜ୍ ସଂଗ୍ରହ କରି ପୋଲିସ ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ସାରଦା ପ୍ରସାଦ ଦାଶ ସୂଚନା ଦେଇଛନ୍ତି ।

## ଭୋଟ୍ ଗଣତି କେନ୍ଦ୍ରରେ ଅଧିକାରୀଙ୍କ ସମୀକ୍ଷା


ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ।

**ବ୍ରହ୍ମପୁର ଅଫିସ୍,୨୨।୫**

ଚଳିତ ସାଧାରଣ ନିର୍ବାଚନର ଭୋଟ୍ ଗଣତି ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ବ୍ରହ୍ମପୁରର ଶିଳ୍ପ ତାଲିମ୍ ଅନୁଷ୍ଠାନ(ଆଇଟିଆଇ)ରେ ଦିଗପହଣ୍ଡି, ଚିକିଟି ଏବଂ ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ହେବ। ସେହିଭଳି ସରକାରୀ ପଲିଟେକ୍‌ନିକ୍ କଲେଜରେ ବ୍ରହ୍ମପୁର ଏବଂ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି କରାଯିବ। ଭୋଟ୍ ଗ୍ରହଣ ପରଠୁ ଉଭୟ ସ୍ଥାନରେ ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍‌କୁ ସୁରକ୍ଷିତ ରଖାଯାଇଛି । ଗୁରୁବାର ଭୋଟ୍ ଗଣତି କରାଯିବ ଏହା ପୂର୍ବରୁ ବୁଧବାର ଅଧିକାରୀମାନେ ଭୋଟ୍ ଗଣତି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଦୁଇ ପର୍ଯ୍ୟବେକ୍ଷକଙ୍କ ସହ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ଡିଆଇବି ଡିଏସ୍‌ପି ଅଜୟ ମିଶ୍ର, ଡିଏସ୍‌ପି ଜେ.କେ. ପଟ୍ଟନାୟକ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ, ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର୍ ସୌରୀନ୍ଦ୍ର କୁମାର ରାଉତରାୟ ପ୍ରମୁଖ ଭୋଟ୍ ଗଣତି ପାଇଁ କରାଯାଇଥିବା ପ୍ରସ୍ତୁତିକୁ ବୁଲି ଦେଖିଥିଲେ । ଶାନ୍ତି ଶୃଙ୍ଖଳାରେ ଗଣତି ସାରିବାକୁ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ ।

## ଯୁବତୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୨।୫**

ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଥିବା ଜଣେ ଯୁବତୀଙ୍କର ମଙ୍ଗଳବାର ବ୍ରହ୍ମପୁର ବଡ ମେଡିକାଲରେ ମୃତ୍ୟୁ ଘଟିଛି । ମୃତ ଯୁବତୀ ଜଣଙ୍କ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ତାଳତୋଳା ଗ୍ରାମର ପ୍ରବୀର ପ୍ରଧାନଙ୍କ ଝିଅ ସୋନାଲି(୧୮) ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି।
ପ୍ରକାଶ ଯେ, କୌଣସି କାରଣକୁ କେନ୍ଦ୍ରକରି ସୋନାଲି ଓ ତାଙ୍କ ମା'ଙ୍କ ମଧ୍ୟରେ ଝଗଡା ହୋଇଥିଲା। ମଙ୍ଗଳବାର ସନ୍ଧ୍ୟା ୭ ଟାରେ ମା' ଘର ବାରିପଟେ ରୋଷେଇ କରୁଥିବା ବେଳେ ସୋନାଲି ଏକ ଶାଢ଼ି ବେକରେ ଲଗାଇ ଫ୍ୟାନରେ ଝୁଲି ପଡିଥିଲେ । ମା' ଏହା ଦେଖି ପଡୋଶୀଙ୍କ ସହାୟତାରେ ଝିଅକୁ ଉଦ୍ଧାର କରି ମାଲୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସୋନାଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରାତି ପ୍ରାୟ ସାଢ଼େ ୧୧ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ବୁଧବାର ମୃତଦେହ ଜବତ କରି ନଂ. ୨୫୨/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା କହିଛି ।

## ଚିତ୍ରାଳୟ ସଂଘ ଅର୍ଦ୍ଧବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୨୨।୫**

ଓଡ଼ିଶା ଚିତ୍ରାଳୟ ମାଲିକ ସଂଘ ଅର୍ଦ୍ଧବାର୍ଷିକ ଉତ୍ସବ ଜୁଲାଇ ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବ । ଏ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗୋଷାଣୀନୂଆଗାଁ ମା' କାଳୁଆ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ସଂଘ ସଭାପତି ଦିଲୀପ କୁମାର ସାମନ୍ତରା ଅଧ୍ୟକ୍ଷତା କରିଥିଲେ । ମଦନ ମିଶ୍ର, ସୁଦୀପ ସାହୁ, ନବ କିଶୋର ମହାପାତ୍ର ଓ ଅଶ୍ୱିନୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନୃତ୍ୟ, ସଙ୍ଗୀତ ସହ ନାଟକ ପରିବେଷଣ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସଂଘ ରାଜ୍ୟ ସଭାପତି ନାରାୟଣ ସାହୁ, ନୟାଗଡ ଶାଖା ସଭାପତି ପ୍ରମୋଦ କୁମାର ରଥ, ଉପଦେଷ୍ଟା ବିଜୟ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାସ ପାତ୍ର, ଅରକ୍ଷିତ ରାଓଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସଂଘ ରାଜ୍ୟ ସମ୍ପାଦକ ଦୁର୍ଗାପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## ସାମର୍ଥ୍ୟ ତାଲିମ ଶିବିର


ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୨୨।୫**

ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଞ୍ଜାମ ମଣ୍ଡଳ ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମାଧ୍ୟମିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିମନ୍ତେ ଦଶଦିନିଆ ପ୍ରଶିକ୍ଷଣ ଶିବିର ଚାଲିଛି। ଗୁରୁବାର ଏହା ଉଦ୍‌ଯାପିତ ହେବ। ଏହି ବିଦ୍ୟାଳୟରେ ଓଡ଼ିଆ, ଇଂଲିଶ ଓ ଗଣିତ ବିଭାଗରେ ମୋଟ ୧୬୮ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ ଅଞ୍ଚଳରୁ ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଏହି ଶିବିର ପରିଚାଳନା କରୁଥିବା ବେଳେ ଓଡ଼ିଆରେ ସମ୍ବଳ ଶିକ୍ଷକ ଭାବେ ସୁଧୀର କୁମାର ସାହୁ, ଲୋକନାଥ ସାହୁ, ରାଜଲକ୍ଷ୍ମୀ ଚୌଧୁରୀ, ଇଂଲିଶରେ ଡ. ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ପ୍ରସନ୍ନ କୁମାର ସାହୁ ଓ ସାବିତ୍ରୀ ବେହେରା, ଗଣତିରେ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ କୁମାର ପରମଗୁରୁ ଓ ସୁବାସ ଚନ୍ଦ୍ର ପାତ୍ର ଶିକ୍ଷାଦାନ କରୁଛନ୍ତି। ସେହିଭଳି ସିଟି ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୀ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜୀବ ବିଜ୍ଞାନ ଓ ଭୌତିକ ବିଜ୍ଞାନ ବିଷୟରେ ୧୨୨ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ କରାଯାଉଛି । ଜୀବ ବିଜ୍ଞାନରେ ସମ୍ବଳ ଶିକ୍ଷକ ଭାବେ କିରଣ କୁମାର ମିଶ୍ର, ରାମହରି ସାହୁ, ଦିଲୀପ କୁମାର ଦାସ ଥିବା ବେଳେ ଭୌତିକ ବିଜ୍ଞାନରେ ରଘୁନାଥ ଘଡ଼େଇ, ରାଜେନ୍ଦ୍ର କୁମାର ପଟ୍ଟନାୟକ ଏବଂ ଜଗଦୀଶ କୁମାର ପଲେଇ ପ୍ରମୁଖ ତାଲିମ୍ ପ୍ରଦାନ କରୁଛନ୍ତି ।

# ବିପଦ ବଢ଼ାଉଛନ୍ତି କମ୍ ବୟସ୍କ ବାଇକ୍ ଚାଳକ

**ରେଶମ ସହର**

### କାର୍ଯ୍ୟକାରୀ ହେଉନି ଆଇନ
### ଚିନ୍ତାରେ ଅଭିଭାବକ

**ବ୍ରହ୍ମପୁର ଅଫିସ,୨୨।୫**

ରେଶମ ସହରରେ ଏବେ ଦିନକୁ ଦିନ କମ ବୟସ୍କ ବାଇକ୍ ଚାଳକମାନେ ବିପଦ ବଢ଼ାଉଛନ୍ତି। କେତେକ ନାବାଳକଙ୍କ ହାତରେ ଦାମି ବାଇକ୍ ତ ଆଉ କେତେକ ଛାତ୍ରୀଛାତ୍ରଙ୍କ ହାତରେ ବାଇକ୍ ଓ ସ୍କୁଟି ରହିଛି। ଗତ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ପାୱାରକଟ ହୋଇଥିଲା। ଆମ୍ବ ମାର୍କେଟ ଛକରୁ ପୁରୁଣା ବ୍ରହ୍ମପୁର ପଟକୁ ଦ୍ରୁତ ଗତିରେ ଆସିଥିଲା ଏକ ବାଇକ୍। ଅନ୍ୟପଟୁ ଆସୁଥିବା ଜଣେ ସାଇକେଲ ଚାଳକଙ୍କୁ ସାମ୍ନାପଟୁ ଦେଇଥିଲା ଧକ୍କା। ବାଇକ୍ ଚଳାଉଥିଲେ ଜଣେ ନାବାଳକ, ଅନ୍ୟଜଣେ ତାଙ୍କ ପଛରେ ବସିଥିଲେ। ଯେଉଁମାନେ ଦଶମ ଶ୍ରେଣୀର ଛାତ୍ର। ସାଇକେଲଟି ଭାଙ୍ଗି ଯାଇଥିବା ବେଳେ ଚାଳକ ସାମାନ୍ୟ ଆହତ ହୋଇଥିଲେ। ପରେ ନାବାଳକ ଦ୍ୱୟଙ୍କ ବ୍ୟବହାରରେ ଭୟଭୀତ ହୋଇ ସାଇକେଲ ଚାଳକ ଲାଠୀ ଗ୍ରାମର ପାଣ୍ଡବ ସେଠୀ ଗାଁକୁ ଫେରି ଯାଇଥିଲେ। ହେଲେ ସେଠାରେ ଥିବା ସ୍ଥାନୀୟ କେତେକ ଯୁବକ ଦୁଇ ନାବାଳକଙ୍କୁ ବୁଝାଶୁଝା କରିବା ସହ ତାଗିଦ୍ କରିଥିଲେ। ଏହି ସମୟରେ ଏକ ପିସିଆର ଭ୍ୟାନ ମଧ୍ୟ ସେହି ରାସ୍ତା ଦେଇ ଅତିକ୍ରମ କରିଥିଲା । କିନ୍ତୁ ଘଟଣା କ'ଣ ଜାଣିବା ପାଇଁ ଭ୍ୟାନରେ ବସିଥିବା ପୋଲିସ ଚେଷ୍ଟା କରି ନ ଥିଲା। ଅଭିଭାବକଙ୍କ ସହ ଯୋଗାଯୋଗ କରାଯାଇ ସେହି ଦୁଇ ନାବାଳକଙ୍କୁ ସ୍ଥାନୀୟ ଯୁବକମାନେ ଛାଡ଼ି ଦେଇଥିଲେ। ତେବେ ରେଶମ ସହରରେ ଏଭଳି ଘଟଣା କିଛି ନୂଆ ନୁହେଁ। କମ ବୟସର ପିଲା (୧୮ ବର୍ଷରୁ କମ) ହାତରେ ଅଭିଭାବକମାନେ ଧରାଇ ଦେଉଛନ୍ତି ବାଇକ ଓ ରେସିଂ ଗାଡ଼ି। ସେମାନଙ୍କ ପାଖରେ ଲାଇସେନ୍ସ ନା ଗାଡ଼ି ଚଳାଇବାର କୌଣସି ଯୋଗ୍ୟତା ରହିଛି। ଏଠି ସବୁ ନିୟମ ବନ୍ଧା ପଡ଼ିଛି । କମ ବୟସର ବାଳକଙ୍କର ଦ୍ରୁତ ଗାଡ଼ି ଚାଳନା ଉପରେ ନିୟନ୍ତ୍ରଣ ନାହିଁ । ସ୍ଥିତି ଏମିତି ହେଉଛି, ସ୍କୁଲ ପଢ଼ୁଆ ପିଲାଙ୍କ ମଧ୍ୟରେ ରାସ୍ତା ଉପରେ ଦେଖାଦେଉଛି ରେସିଂ ପ୍ରତିଯୋଗିତା। ବିଗତ ବର୍ଷ ସହରରେ ଜଣେ ସ୍କୁଲ ଛାତ୍ରୀଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ଚେଇଁ ଉଠିଥିଲା ଜିଲା ଓ ପୋଲିସ ପ୍ରଶାସନ। ବସିଥିଲା ଘନ ଘନ ବୈଠକ । ବିଶେଷକରି ୧୮ ବର୍ଷରୁ କମ୍ ପିଲାମାନେ ବାଇକ ଯେମିତି ନ ଚଳାଇବେ ଏହା ଉପରେ କଟକଣା ଜାରି ହୋଇଛି। ଏପରିକି ବାଇକ୍‌ରେ କଲେଜ ଆସୁଥିବା ଛାତ୍ରୀଛାତ୍ରଙ୍କ ଲାଇସେନ୍ସ ନିୟମିତ ଯାଞ୍ଚ, ଟ୍ରାଫିକ ନିୟମ ଉପରେ ସଚେତନ କରିବା ପାଇଁ ପ୍ରତି ସ୍କୁଲ ଓ ଜୁନିୟର କଲେଜରେ ଟ୍ରାଫିକ ସଚେତନତା କ୍ଲବ ଗଢ଼ିବା ଦିଗରେ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା ।

କିନ୍ତୁ ଉଦ୍‌ବେଗର ବିଷୟ ହେଉଛି, ସବୁ ନିୟମ ଯେମିତି ଫାଇଲ ତଳେ ସୀମିତ ହୋଇ ରହିଛି । କିନ୍ତୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ତାହା କାର୍ଯ୍ୟକାରୀ ନ ହେବାରୁ ଅଭିଭାବକଙ୍କ ଚିନ୍ତା ବଢାଇ ଦେଇଛି । ତେବେ ନିୟମ ପାଳନ ଓ କାର୍ଯ୍ୟକାରୀ ପାଇଁ ପ୍ରଶାସନ କେବେ ସତର୍କ ହେଉଛି ତାହା ଦେଖିବାକୁ ବାକି ରହିଲା ।

### ସେମାନେ ଯାହା କୁହନ୍ତି...


"ଆମ ସ୍କୁଲ ଓ ଯୁକ୍ତ ୨ କଲେଜରେ ପଢୁଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ବାଇକ୍ ଓ ସ୍କୁଟି ଚଳାଇବା ପାଇଁ ବାରଣ କରାଯାଇଛି। ଏପରିକି ନାବାଳକ ଛାତ୍ରୀଛାତ୍ରମାନେ ଗାଡ଼ି ଚଳାଇବା ବେଳେ କିପରି ଦୁର୍ଘଟଣାଗ୍ରସ୍ତ ହୋଇ ନିଜେ ଆହତ ହେବା ସହ ଅନ୍ୟମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି ସେ ସମ୍ପର୍କରେ ସଚେତନ କରାଯାଉଛି। ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ବିଭିନ୍ନ ବୈଠକରେ ନିଜ ନାବାଳକ ଝିଅ/ପୁଅ ଗାଡ଼ି ଚଳାଇବା ଓ ସେମାନଙ୍କ ପାଇଁ ଗାଡ଼ି ନ କିଣିବାକୁ ମଧ ସଚେତନ କରାଯାଉଛି ।

**–ଏସ୍. ମୋହନ ରାଓ**
**ଅଧ୍ୟକ୍ଷ, ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**


"ମୋର ଝିଅ ଦେବସ୍ମିତା ମାଟ୍ରିକ ପରୀକ୍ଷା ଦେଇଛି। ପୂର୍ବରୁ ସେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପଢୁଥିଲା । ଏବେ ସେ ଯୁକ୍ତ ୨ରେ ନାମ ଲେଖାଇବା ପାଇଁ ପ୍ରସ୍ତୁତ ହେଉଛି । ଆମ ଘରଠାରୁ କଲେଜ ପର୍ଯ୍ୟନ୍ତ କୌଣସି ବସ ଚଳାଚଳ ହେଉନାହିଁ । ତେଣୁ ସେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରକୁ ଯିବା ଆସିବା କରିବା ପାଇଁ ଗାଡ଼ି କିଣିବାକୁ ଆମକୁ ବାଧ କରୁଛି । ହେଲେ ଆମେ ତା'ପାଇଁ ଗାଡ଼ି କିଣିବୁ ନାହିଁ ବୋଲି ମନା କରିଛୁ । ସେହିପରି ଅନ୍ୟ କାହା ଗାଡ଼ି ଚଳାଇବାକୁ ମଧ ତାକୁ ବାରଣ କରିଛୁ ।

**–ନଳିନୀ ପାଢ଼ୀ, ଗୃହିଣୀ**


"ନାବାଳକ ଛାତ୍ରୀଛାତ୍ର ଗାଡ଼ି ନ ଚଳାଇବା ପାଇଁ ଆଇନ ରହିଛି। ଏପରିକି ସୁପ୍ରିମକୋର୍ଟ ପକ୍ଷରୁ ମଧ ସେମାନେ ଗାଡ଼ି ନ ଚଳାଇବାକୁ ନିର୍ଦ୍ଦେଶ ଦେଇଛି । ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣାରୁ ଅଧିକାଂଶ କ୍ଷେତ୍ରରେ ନାବାଳକମାନଙ୍କ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁ ଘଟୁଥିବା ନଜିର ରହିଛି । ଯଦି କୌଣସି ଛାତ୍ରୀଛାତ୍ର (ନାବାଳକ) ଗାଡ଼ି ଚଳାଇ ଦୁର୍ଘଟଣାଗ୍ରସ୍ତ ହୁଅନ୍ତି କିମ୍ବା ପୋଲିସ ଚେକିଂ ବେଳେ ଧରା ପଡ଼ନ୍ତି ତେବେ ସେମାନଙ୍କ ଅଭିଭାବକଙ୍କୁ ଏଥିପାଇଁ ଦାୟୀ କରାଯିବାକୁ ମଧ ନିର୍ଦ୍ଦେଶ ରହିଛି । ଏହିସବୁ ଦୃଷ୍ଟିରୁ ଉଭୟ ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ର (ନାବାଳକ)ଙ୍କ ଭବିଷ୍ୟତ ଓ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

**–ନାରାୟଣ ପଣ୍ଡା, ଆଇନଜୀବୀ**

## ସଂକ୍ଷେପରେ

### ମାମାଲି ବ୍ଲକ ଟପ୍ପର



**ଶଙ୍କରାଖୋଲ,୨୨।୫(ଡି.ଏନ୍.ଏ.):** ଚକାପାଦ ବ୍ଲକ ବ୍ରାହ୍ମଣପାଦ ବିରୁପାକ୍ଷ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାମାଲି ସାହୁ ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଛନ୍ତି। ମୋଟ ୬୦୦ ନମ୍ବରରୁ ୫୦୭ ନମ୍ବର ରଖି ଏହି ସଫଳତା ହାସଲ କରିଛନ୍ତି। ଭବିଷ୍ୟତରେ ଭଲ ଡାକ୍ତର ହୋଇ ଜନସାଧାରଣଙ୍କ ସେବା କରିବେ ବୋଲି ସାହୁ କହିଥିଲେ। ସଫଳତା ପାଇଁ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଅଭିଭାବକଙ୍କୁ ସାହୁ ଶ୍ରେୟ ଦେଇଛନ୍ତି। ବ୍ଲକରେ ୧୩ଟି ଉଚ୍ଚ ବିଦ୍ୟାଳୟର ୫୮୦ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିରୁ ୪୬୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ବ୍ଲକରେ ୮୦ ପ୍ରଶିଶତ ପାସ୍ ହାର ରହିଛି।

### ରାସ୍ତାକଡ଼ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଦାରିଙ୍ଗବାଡି,୨୨।୫(ଡି.ଏନ.ଏ.):** କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ପର୍ଡମାହା ପଞ୍ଚାୟତ ଅଞ୍ଚଳ ପେଟାରବାଡି ଗ୍ରାମରେ ଏକ ରାସ୍ତା କଡରୁ ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କ ମୃତଦେହ ଦାରିଙ୍ଗବାଡି ପୋଲିସ ବୁଧବାର ସନ୍ଧ୍ୟାରେ ଉଦ୍ଧାର କରିଛି। ମୃତକ ହେଲେ ସେହି ଗ୍ରାମର ମଞ୍ଜି ପ୍ରଧାନ। ସେ ମଙ୍ଗଳବାର ଅପରାହ୍ନ ଠାରୁ ଘରୁ ବାହାରକୁ ଯାଇ ଆଉ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ଘରଠାରୁ ୨କିମି ଦୂରରେ ତାଙ୍କ ମୃତଦେହ ପଡିଥିବା ଦେଖି ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ପୋଲିସକୁ ଖବର ଦେଇଥିଲେ। ଦାରିଙ୍ଗବାଡି ଆଇଆଇସି ଅଲେଖ ଗରଡିଆ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ନଂ(୫/୧୯)ରେ ରୁଜୁ କରି ତଦନ୍ତ ଚଳାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି କହିଛନ୍ତି। ତେବେ ଏହା ଏକ ହତ୍ୟାକାଣ୍ଡ ହୋଇଥାଇ ପାରେ ବୋଲି ପରିବାର ଲୋକଙ୍କ ସମେତ ସରପଞ୍ଚ ଫଗୁ ପ୍ରଧାନ କହିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ଫିରିଙ୍ଗିଆ, ୨୨।୫:** ଫିରିଙ୍ଗିଆ-ବାଲିଗୁଡା ମୁଖ୍ୟ ରାସ୍ତା ଲଦାଠାରେ ଏକ ଦୁର୍ଘଟଣା ଘଟିଛି । ବାଇକ୍ ଭାରସାମ୍ୟ ହରାଇ ଗାଈ ସହ ଧକ୍କା ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ପବିଙ୍ଗିଆ ପଞ୍ଚାୟତ ପାଣ୍ଡୁପଦର ଗ୍ରାମର ପ୍ରଭୁ ମଲ୍ଲିକ । ଆହତ ଲମ୍ବୋଦର ମଲ୍ଲିକ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପ୍ରଭୁ ଓ ଲମ୍ବୋଦର ଏକ ବିବାହ ଉତ୍ସବରେ ଯୋଗଦେଇ ବାଇକରେ ଫେରୁଥିବା ବେଳେ ରାସ୍ତାରେ ଛିଡା ହୋଇଥିବା ଏକ ଗାଈ ସହ ଧକ୍କା ହୋଇ ପଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଫିରିଙ୍ଗିଆ ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରଭୁଙ୍କୁ ଫୁଲବାଣୀ ଡାକ୍ତରଖାନା ପଠାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ଦାରିଙ୍ଗବାଡ଼ିରେ କାଳବୈଶାଖୀ, କୁଆପଥର ବର୍ଷା
#### ବଜ୍ରପାତରେ ମହିଳା ଗୁରୁତର

**ଦାରିଙ୍ଗବାଡି,୨୨।୫(ଡି.ଏନ.ଏ.):** ଦାରିଙ୍ଗବାଡି ସମେତ ତାର ଆଖପାଖ ପ୍ଲିହେରୀ, ଦନେକବାଡି, ପାଙ୍ଗାଲି, ଶ୍ରାନିକେତା ଆଦି ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ କୁଆପଥର ସହ ପ୍ରବଳ ବର୍ଷା ହୋଇଛି। ବଜ୍ରପାତରେ ଡଲାବାଡି ଗ୍ରାମର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ରେଣୁକା ପ୍ରଧାନ (୨୫)। ରେଣୁକା ଘରେ ଥିବାବେଳେ ବଜ୍ରପାତରେ ତାଙ୍କ ଘରର ବିଦ୍ୟୁତ୍ ବୋର୍ଡ ଜଳିବା ସହ ରେଣୁକା ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। କାଳବୈଶାଖୀ ପ୍ରଭାବରେ ଅଞ୍ଚଳର ପ୍ଲିହେରୀ ସମେତ ପାଙ୍ଗାଲି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଲୋକେ ଗରମରୁ ଆଶ୍ୱସ୍ତ ଅନୁଭବ କରିଛନ୍ତି।

# ଦାରିଙ୍ଗବାଡ଼ି ଅଞ୍ଚଳରେ କାଜୁ ଚାଷ ନୈରାଶ୍ୟଜନକ

**ଦାରିଙ୍ଗବାଡି,୨୨।୫(ଡି.ଏନ.ଏ)**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳ ସମେତ ପଡୋଶୀ ଜିଲା ଗଜପତିର ପାଣିଗଣ୍ଡା, କଟାମାହା ଆଦି ଅଞ୍ଚଳରେ ଏବେ କାଜୁ ଚାଷ ପ୍ରତି ଆଗ୍ରହ ବୃଦ୍ଧି ପାଉଛି। ତେବେ ଚଳିତ ବର୍ଷ କାଜୁ ଫସଲରେ ଚାଷୀଙ୍କୁ ନିରାଶ ହେବାକୁ ପଡିଛି। ଯେତିକି କାଜୁ ଅମଳ ହେଉଥିଲା ତାହା ଚଳିତ ବର୍ଷ ୩୦ ରୁ ୪୦ ପ୍ରତିଶତକୁ ଖସିଆସିଛି।

ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଚଳିତବର୍ଷ ଫସଲ ନଷ୍ଟ ହୋଇଥିବାରୁ ଏଭଳି ଅମଳ କମିଥିବା କାଜୁ ବ୍ୟବସାୟୀ ରାମ ପୃଷ୍ଟି କହିଛନ୍ତି। ସେ କହିଛନ୍ତି ଯେ, ଚଳିତବର୍ଷ କାଜୁର ମାନ ମଧ୍ୟ ନିମ୍ନ ରହିଛି। ସେଥି ପାଇଁ ବଜାରରେ ଏହାର ଚାହିଦା କମିଥିବା ସେ ଆଶଙ୍କା କରିଛନ୍ତି। ସେପଟେ କିଲୋ ପିଚ୍ଛା ୧୨୫ରୁ ଉର୍ଦ୍ଧ୍ୱ ଦର ରହୁଥିବା ବେଳେ ଚଳିତବର୍ଷ ଚାଷୀଙ୍କୁ ୧୦୦ରୁ ୧୧୦ ଟଙ୍କାରେ ବିକ୍ରି କରିବାକୁ ପଡୁଛି। ଗୋଟିଏ ପଟେ ଫସଲ ଅମଳ ହ୍ରାସ, ଅନ୍ୟପଟେ ଶସ୍ତା ଦରରେ ବିକି ଚାଷୀ ବିପୁଳ କ୍ଷତି ସହୁଛି।



ବ୍ରାହ୍ମଣୀଗାଁ ଅଞ୍ଚଳରେ ଅମଳ ହୋଇଥିବା କାଜୁ।

ଏବେ ସରକାର ଉକ୍ତ ବ୍ଲକ ଅଞ୍ଚଳରେ ବିଭିନ୍ନ ଚାଷ ପାଇଁ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ କାଜୁ ଚାଷୀଙ୍କୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି। ଚଳିତବର୍ଷ ଜିଲାର ବାଲିଗୁଡା ଉପଖଣ୍ଡ ଅଞ୍ଚଳର ୯ଟି ବ୍ଲକ ତଥା ତୁମଡିବନ୍ଧ ସମେତ କୋଟଗଡ, ବାଲିଗୁଡା, କ. ନୂଆଗାଁ, ଦାରିଙ୍ଗବାଡି, ରାଇକିଆ, ଜି.ଉଦୟଗିରି, ଟିକାବାଲି ଏବଂ ଚକାପାଦ ଅଞ୍ଚଳରେ ୩ଶହ ହେକ୍ଟର ଜମିରେ କାଜୁ ଚାଷ ପାଇଁ ସହାୟତା ପ୍ରଦାନ କରାଯାଇଥିବା ବେଳେ ସେଥିରୁ କେବଳ ଦାରିଙ୍ଗବାଡିରେ ୪୦ହେକ୍ଟର ପର୍ଯ୍ୟନ୍ତ କାଜୁ ଚାଷ କରାଯାଇଛି। ଚାଷୀଙ୍କୁ ସମସ୍ତ ପ୍ରାପ୍ୟ ମିଳି ନ ଥିବା ଜଣାପଡିଛି। ସରକାରଙ୍କ ପକ୍ଷରୁ ନୂତନ ଭାବେ ଚାଷ କରୁଥିବା ଚାଷୀଙ୍କୁ ଗୋଟିଏ ହେକ୍ଟର ଜମି ପାଇଁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ରହିଛି। ପ୍ରଥମ ବର୍ଷ ୧୨ ହଜାର, ଦ୍ୱିତୀୟ ବର୍ଷ ୪ ହଜାର ଓ ତୃତୀୟ ବା ଶେଷ ବର୍ଷ ଆଉ ୪ ହଜାର ସହାୟତା କରାଯାଉଥିବା ବେଳେ ଏହା ୩ ବର୍ଷ ମଧ୍ୟରେ ସମସ୍ତ ପ୍ରାପ୍ୟ ବ୍ୟାଙ୍କ ପାସ ବୁକ୍ ଜରିଆରେ ମିଳିବ ବୋଲି ବାଲିଗୁଡା ଉପଖଣ୍ଡ ସ୍ତରୀୟ ଉଦ୍ୟାନ ବିଭାଗର ଅତିରିକ୍ତ ଉପନର୍ଦ୍ଦେଶକ ରମାକାନ୍ତ ଗିରି କହିଛନ୍ତି। ସେ କହିଛନ୍ତି ଯେ, ଏବେ କାଜୁ ଚାଷକୁ ଦାରିଙ୍ଗବାଡି ବ୍ଲକର ବ୍ରାହ୍ମଣୀଗାଁ ଅଞ୍ଚଳରେ ଅଧିକା ଗୁରୁତ୍ୱ ପ୍ରଦାନ କରାଯାଇଛି। ସେଠାକାର ଜଳବାୟୁ କାଜୁ ଚାଷ ପାଇଁ ଅନୁକୂଳ ଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଅଞ୍ଚଳରେ ପୂର୍ବରୁ ଚାଷୀ କେବଳ ହଳଦୀ, ଅଦା, କାନ୍ଦୁଲ, ଶୋରିଷ, ଡିଳା, ଆଦି ଚାଷ କରୁଥିବା ବେଳେ ଏବେ ଆମ୍ବ, କଦଳୀ, ଫୁଲ ଝାଡୁ, ପନିପରିବା ଆଦି ଚାଷକରି ଭଲ ଦି ପଇସା ରୋଜଗାର କରୁଛନ୍ତି। ସେହିପରି କାଜୁର ବଜାର ଦର ମଧ୍ୟ ଭଲ ରହୁଥିବାରୁ ଏହାକୁ ଏବେ ଚାଷୀ ଆଦରି ନେଇଛି। କୁମ୍ଭାରିଗାଁ ପଞ୍ଚାୟତ ଲମ୍ବକିଆରୀ ଗ୍ରାମରେ ପ୍ରାୟ ୪୦ ଏକର ଜମିରେ ଏହି ଚାଷ କରାଯାଉଥିବା ବେଳେ ବ୍ରାହ୍ମଣୀଗାଁରେ ପ୍ରାୟ ୩୦ ଏକର, ଝିଞ୍ଜିରିଗୁଡା କିରାମାହାରେ ୩୫ ଏକର ଜମିରେ କାଜୁ ଚାଷ କରାଯାଉଛି। ଏହା ମାର୍ଚ୍ଚ ମାସଠାରୁ ମେ’ ପର୍ଯ୍ୟନ୍ତ ଆଦାୟ ଓ ବିକ୍ରି କରାଯାଉଛି। ଆଦାୟ ପୂର୍ବରୁ ନିଆଁ ଦାଉରୁ ଏହାକୁ ରକ୍ଷା କରିବା ପାଇଁ ଚାଷୀଙ୍କୁ ଅଧିକା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ୫ବର୍ଷ ପରିଶ୍ରମ କଲେ ଏହି ଚାଷରେ ବହୁତ ଫାଇଦା ରହିଥିବା କାଜୁ ଚାଷୀ ମାରିଆନ ଉଠାଣ ସିଂ କହିଛନ୍ତି।

### ଅମିତ ପାତ୍ରପୁର ବ୍ଲକ ଟପ୍ପର

**ପାତ୍ରପୁର, ୨୨।୫(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକର ୬ଟି ବିଦ୍ୟାଳୟରେ ଶହେ ପ୍ରତିଶତ ପାସ୍ ହୋଇଥିବା ବେଳେ ସର୍ବନିମ୍ନ ୬୦ ପ୍ରତିଶତ ରହିଛି। ସେଥିରେ ରାମେଶ୍ୱର ବିଦ୍ୟାପୀଠ ବାଦପୁର ଗାଁର ଅମିତ ପଣ୍ଡା ୪୯୨ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଗୁଡ଼ିପଦର, ବରଙ୍ଗ, ଭୀମପୁର, ଜୟନ୍ତିପୁର, କେଶରୀପଡ଼ା, ତଣ୍ଡିପୁର ପ୍ରମୁଖ ହାଇସ୍କୁଲରେ ଶତ ପ୍ରତିଶତ ପାସ୍ ହୋଇଥିବା ବେଳେ ସାମନ୍ତରାପୁର କପିଳେଶ୍ୱର ବିଦ୍ୟାପୀଠ ସର୍ବନିମ୍ନ ୬୦ ପ୍ରତିଶତ ରହିଛି । ଖଇର ଗ୍ରାମ ହିଂସାରେ ମୃତ୍ୟୁ ଘଟିଥିବା ପବିତ୍ର ପ୍ରଧାନ ୨୨୪ ମାର୍କ ରଖି ଇ ଗ୍ରେଡ଼ରେ ପାସ୍ ହୋଇଛନ୍ତି। ବ୍ଲକରେ ୯୦ ପ୍ରତିଶତ କେହି ରଖିନଥିଲେ ମଧ୍ୟ ଏ–୨ରେ ୫ ଜଣ ପାସ୍ ହୋଇଛନ୍ତି। କରୁଣାକର ବିଦ୍ୟାପୀଠର ଜଣେ ଛାତ୍ରୀ ଏ–୨ରେ ପାସ୍ ହୋଇଥିବା ବେଳେ ନୂଆପେଣ୍ଠ ଶିଶୁ ମନ୍ଦିରର ୨ ଓ ରାମେଶ୍ୱରବିଦ୍ୟାପୀଠବାଦପୁରର୨ ପ୍ରମୁଖ ୫ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ ହୋଇଛନ୍ତି। ବ୍ଲକର ୨୫ଟି ବିଦ୍ୟାଳୟ ସହ ଗୋଟିଏ ଶିଶୁ ମନ୍ଦିରର ମୋଟ ୧୫୩୯ ଜଣ ପରୀକ୍ଷା ଦେଇଥିଲେ ।

# ବାଲିଗୁଡ଼ାରେ ଭୋଟ ଗଣତି ପ୍ରସ୍ତୁତି ଚୂଡ଼ାନ୍ତ




ପୋଲିସ କର୍ମଚାରୀମାନେ ଯାଞ୍ଚ କରୁଛନ୍ତି।

**ବାଲିଗୁଡା,୨୨।୫(ଡି.ଏନ୍.ଏ.)**

ଭୋଟ ଗଣତି ପାଇଁ ବାଲିଗୁଡା ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କନ୍ଧମାଳ ଜିଲାରେ ଲୋକ ସଭା ସହ ବିଧାନସଭା ଆସନ ପାଇଁ ମତଦାନ କରାଯାଇଥିଲା। ଗତ ଏପ୍ରିଲ ୧୮ରେ ଓ ଇଭିଏମ୍‌ରେ ପ୍ରାର୍ଥୀ ମାନଙ୍କ ଭାଗ୍ୟ ସିଲ ହୋଇ ରହିଛି । ଗୁରୁବାର ଭୋଟ ଗଣତି କାର୍ଯ୍ୟ ପାଇଁ ସମସ୍ତ ପକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ସକାଳ ୮ଟାରୁ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ ହେବ। ବାଲିଗୁଡ଼ା ଉପଜିଲାପାଳ କାର୍ଯ୍ୟାଳୟ ବାଲିଗୁଡ଼ା ବିଧାନସଭା ଓ ସଂସଦୀୟ କ୍ଷେତ୍ର, ଘୁ.ଉଦୟଗିରି ବିଧାନସଭା ମଣ୍ଡଳୀର ଆଦିବାସୀ ମହାବିଦ୍ୟାଳୟରେ ଇଭିଏମ୍ ରଖାଯାଇଛି। ଏହି ଦୁଇଟି ସ୍ଥାନରେ ଗଣତି ହେବ। ଗଣତି ଲାଗି ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ଲାଗି ୨୫୦ ଓ ଘୁ.ଉଦୟଗିରି ବିଧାନସଭା ମଣ୍ଡଳୀ ପାଇଁ ୩୦୦ କର୍ମଚାରୀ ନିୟୋଜିତ କରାଯିବା ସହ ପ୍ରତି ସ୍ଥାନରେ ପର୍ଯ୍ୟବେକ୍ଷକ ଓ ଏଜେଣ୍ଟ ରହିବା ବ୍ୟବସ୍ଥା କରାଯାଇଛି। ଏଥିସହ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି ବୋଲି ବାଲିଗୁଡ଼ା ଓ ଘୁ.ଉଦୟଗିରି ନିର୍ବାଚନ ଅଧିକାରୀ ତଥା ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ କହିଛନ୍ତି।

# ଅଲାଡ଼ି ଗ୍ରାମ ହତ୍ୟା ଘଟଣାରେ ୨ ଗିରଫ

**ଜଗନ୍ନାଥପ୍ରସାଦ,୨୨।୫(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ଥାନା ଅଲାଡି ଗ୍ରାମରେ ପାରିବାରିକ ଶତ୍ରୁତାରୁ ଗତ ଶନିବାର ଖଣ୍ଡା ଚୋଟରେ ଦୀନବନ୍ଧୁ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ନଂ. ୭୬/୧୯ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲ ପଠାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୪ ଜଣଙ୍କ ମଧ୍ୟରୁ ବୁଧବାର ୨ ଜଣକୁ ପୋଲିସ କୋର୍ଟଚାଲାଣ କରିବା ସହ ହତ୍ୟାରେ ବ୍ୟବହୃତ କାତି ଜବତ କରିଛି । ଗିରଫ ମାନେ ହେଲେ କାମରାଜୁ ସ୍ୱାଇଁ, ନିହାର ରଞ୍ଜନ ସ୍ୱାଇଁ। ପ୍ରକାଶ ଯେ, ଶନିବାର ସନ୍ଧ୍ୟା ୭ଟାରେ ଦୀନବନ୍ଧୁ ଗ୍ରାମ ନିକଟସ୍ଥ ବନ୍ଧକୁ ଗାଧୋଇବା ପାଇଁ ଯାଉଥିବା ବେଳେ କାମରାଜୁ, ନିହାର ଏବଂ ଅନ୍ୟ ଦୁଇ ଜଣ ମିଶି ଏକ ଧାରୁଆ କାତିରେ ତାଙ୍କୁ ହାଣି ପକାଇଥିଲେ। ଗୁରୁତର ଅବସ୍ଥାରେ ପଡ଼ିଥିବା ଦୀନବନ୍ଧୁଙ୍କୁ ତାଙ୍କ ସାନ ଭାଇ ପୂର୍ଣ୍ଣ ସ୍ୱାଇଁ ଓ ସାଥୀ ଘଟଣାସ୍ଥଳରୁ ଉଦ୍ଧାର କରି ଏକ ବାଇକ୍‌ରେ ଜଗନ୍ନାଥପ୍ରସାଦ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଗିରଫ ଦୁଇ ଅଭିଯୁକ୍ତ।

### ଚାଷଜମିର କିସମ ପରିବର୍ତ୍ତନ ନ କରି ବିକ୍ରୟ ହେଉଥିବା ଅଭିଯୋଗ

**ବୁଗୁଡ଼ା,୨୨।୫(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସିର ଗୋଟିଏ ସ୍ଥାନରେ ଜଣେ ବ୍ୟକ୍ତି ନିଜ ଚାଷ ଜମିର କିସମ ପରିବର୍ତ୍ତନ ନ କରି ପ୍ଲଟିଂ କରି ବିକ୍ରୟ କରୁଥିଲେ। ଏ ନେଇ ଅଶୋକ କୁମାର ଦାସ ବୁଧବାର ବ୍ରହ୍ମପୁର ଭିଜିଲାନ୍ସ ଅଧିକାରୀ, ଗଞ୍ଜାମ ଜିଲାପାଳ, ଭଞ୍ଜନଗର ଉପଜିଲାପାଳ, ବ୍ରହ୍ମପୁର ଆରଡିସି ଓ ବୁଗୁଡ଼ା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ, ଏନ୍‌ଏସିରେ ଥିବା ଚାଷ ଜମିର କିସମ ପରିବର୍ତ୍ତନ ନ କରି ଘରବାରି କରି ବିକ୍ରୟ କରିବା ସରକାରଙ୍କ ନିୟମ ବିରୁଦ୍ଧ ଏବଂ ଏହାଦ୍ୱାରା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହେଉଛି। ବୁଗୁଡ଼ା ମୌଜାରେ ପ୍ଲଟିଂ କରି ତାହାକୁ ଘରବାରି କରି ବିକ୍ରୟ କରିବାକୁ ପଡ଼ିଥାଏ। କିନ୍ତୁ ବ୍ୟକ୍ତି ଜଣଙ୍କ ଶହ ଶହ ଚାଷ ଜମିକୁ କିସମ ପରିବର୍ତ୍ତନ ନ କରି ପ୍ଲଟିଂ କରି ବିକ୍ରୟ କରୁଥିବା ନେଇ ତହସିଲ ପ୍ରଶାସନକୁ ଜଣାଇ ଦିଆଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତେଣୁ ଏହାର ତଦନ୍ତ କରିବା ପାଇଁ ଅଶୋକ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ଏ ନେଇ ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ପଚାରିବାରୁ ଚାଷଜମିକୁ ଘରବାରି କରି ବିକ୍ରୟ କରିବା ପାଇଁ ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କ ନିକଟରେ ଅବଗତ କରାଯାଇଛି। ଏ ନେଇ ସବ୍‌ରେଜିଷ୍ଟ୍ରାରଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଜଗନ୍ନାଥପ୍ରସାଦ,୨୨।୫(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା ନେଇ ଅଭିଯୋଗ ହୋଇଛି। ପୋଲିସ ନଂ.୭୪/୧୯ରେ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବୀରସେନ ପ୍ରଧାନ। ନାବାଳିକାଙ୍କ ଅଭିଯୋଗ ପ୍ରକାରେ, ବୀରସେନ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କୁ ବିଭିନ୍ନ ସ୍ଥାନକୁ ବୁଲାଇ ନେବା ସହ ଶାରିରୀକ ସମ୍ପର୍କ ରଖିଆସୁଥିଲେ। ବାହାରେ କିଛିଦିନ ରହିବା ପରେ ଚତୁରତାର ସହ ତାଙ୍କୁ ଆଣି ଗ୍ରାମରେ ଛାଡି ଚାଲିଯାଇଥିଲେ। ଏ ସମ୍ପର୍କରେ ପୀଡିତା ଗ୍ରାମଲୋକଙ୍କ ଠାରେ ନ୍ୟାୟ ପାଇଁ ସହଯୋଗ ମାଗିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ।

#### ଭାଗବତ କଥା ବିତରଣ ପରିଷଦର
# ରାମଚରିତ ମାନସ ପାରାୟଣ, ପ୍ରବଚନ

**ହିଞ୍ଜିଳିକାଟୁ,୨୨।୫(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ପାଟଣାସାହି ଲକ୍ଷ୍ମୀ ନୃସିଂହ ମନ୍ଦିର ସମ୍ମୁଖରେ ଭାଗବତ କଥା ବିତରଣ ପରିଷଦ ହିଞ୍ଜିଳିକାଟୁ ପକ୍ଷରୁ ରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ପ୍ରବଚକ ଭାବେ ପଣ୍ଡିତ ରାମାୟଣୀ ସୂର୍ଯ୍ୟକାନ୍ତ ଶର୍ମା ଯୋଗ ଦେଇଛନ୍ତି। ବ୍ୟାସ ଭାବେ ପଣ୍ଡିତ ପଦ୍ମ ଚରଣ ଦାଶ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଆସନ୍ତା ୨୮ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ପ୍ରତ୍ୟେହ ପୂର୍ବାହ୍ନରେ ପରାୟଣ ଓ ସନ୍ଧ୍ୟାରେ ପ୍ରବଚନ ଶ୍ରବଣ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଛି। ପରିଷଦର ସଭାପତି ଦେବାନନ୍ଦ ମହାପାତ୍ର, ଉପସଭାପତି ମହନ୍ତ ଲକ୍ଷ୍ମୀ ନାରାୟଣ ପଣ୍ଡା, ସାଧାରଣ ସମ୍ପାଦକ ମନୋଜ ସାହୁ, ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ, କୋଷାଧ୍ୟକ୍ଷ ନୀଳ ମାଧବ ଦ୍ୟାନସାମନ୍ତ, ବ୍ୟବସ୍ଥାପକ ଏ. ଶଙ୍କର ପ୍ରସାଦ ଆଚାରୀ, ପୂର୍ଣ୍ଣବାସୀ ପାଣିଗ୍ରାହୀ, ନିରୁପମା ସାହୁ, ଭାଗ୍ୟଲକ୍ଷ୍ମୀ ପାଢୀ, ପ୍ରଫେସର ରମେଶ ଚନ୍ଦ୍ର ଚୌଧୁରୀ, ହରିହର ଚୌଧୁରୀ, ଡ. ଗଦାଧର ବେହେରା, ନାରାୟଣ ପାଢୀଙ୍କ ସହ ପରିଷଦର ବହୁ ସଦସ୍ୟା ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତ।



ରାମଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ।

# ବନ ବିଭାଗର ପଲିଥିନମୁକ୍ତ କାର୍ଯ୍ୟକ୍ରମ

**ବୁଗୁଡ଼ା,୨୨।୫(ଡି.ଏନ.ଏ.)**

ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ବନ ବିଭାଗ ଦ୍ୱାରା ସୋମବାର ବୁଗୁଡ଼ା ବ୍ଲକ ଅନ୍ତରପଡ଼ା ମା’ ସାଙ୍କୁଳେଇ ପୀଠରେ ପଲିଥିନ ମୁକ୍ତ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ପର୍ଯ୍ୟଟନ କେନ୍ଦ୍ର ସାଙ୍କୁଳେଇ ପୀଠକୁ ସଫେଇ କରିବା ସହ ପଲିଥିନଗୁଡ଼ିକୁ ପରିଷ୍କାର କରିଥିଲେ। ଏଥିସହ ମନ୍ଦିର ସ୍ଥଳକୁ ପଲିଥିନ ମୁକ୍ତ କରିବାକୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ବାଲିପଦର ବନପାଳ ବଳରାମ ପାତ୍ର, ବନରକ୍ଷୀ ସୋନାଲି ପଣ୍ଡା, କ୍ଷିରୋଦ ଚନ୍ଦ୍ର ଗୌଡ଼ ଏବଂ ପାରା ଫରେଷ୍ଟର କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରତ୍ୟେକ ମନ୍ଦିରକୁ ପଲିଥିନ ମୁକ୍ତ କରି ପରିଷ୍କାର କରିବାକୁ ଉଦ୍ୟମ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ନାୟକ ସୂଚନା ଦେଇଥିଲେ ।



ପଲିଥିନମୁକ୍ତ କାର୍ଯ୍ୟକ୍ରମ।




(୧)ବ୍ରହ୍ମପୁରରେ ବୁଧବାର ରାତିରେ ଆସିକା ବିଧାୟକ ପ୍ରାର୍ଥୀ ମନୋଜ ଜେନାଙ୍କୁ ଗୁଳିମାଡ ପରେ ଘଟଣାସ୍ଥଳରେ ଏସ୍‌ପି ଓ ଅନ୍ୟ ଅଧିକାରୀମାନେ। (୨)ଗୋଳନ୍ଥରା ନିକଟରେ ଦୁର୍ଘଟଣାଗ୍ରସ୍ତ ଦୁର୍ବୃତ୍ତଙ୍କ ବାଇକ (୩) ଘଟଣାସ୍ଥଳରେ ଖସି ପଡିଥିବା ଗୁଳିଭର୍ତ୍ତି ବନ୍ଧୁକ।

